# OFFICE OF THE TAHASILDAR, GONDIA

**Letter No.** 3339 **/Dt.** 12.10.2022

**To**

**The District Information Officer,**
**National Informatics Centers, Dhenkanal.**

**Sub: Publication of Tender Advertisement for Chandrasekharpur Laterite Stone Quarry-II in Dist. Website for settlement on long term basis-Reg.**

**Sir,**

In enclosing herewith the copy of the advertisement, I am to request you to kindly upload the advertisement in the Dist. Website for information of general public and wide publicity.

The matter may please be treated as urgent.

Yours faithfully

12/10/2022

**Tahasildar, Gondia**

**Memo No-** 3340 **/Date.** 12.10.2022

Copy submitted to the Collector, Dhenkanal for favour of kind information and necessary action.

12/10/2022

**Tahasildar, Gondia**

**Memo No-** 3341 **/Date.** 12.10.2022

Copy submitted to the Sub-Collector, Dhenkanal for favour of kind information and necessary action.

12/10/2022

**Tahasildar, Gondia.**

**Memo No-** 3342 **/Date.** 12.10.2022

Copy forwarded to the DIPRO, Dhenkanal for favour of information and necessary action.

12/10/2022

**Tahasildar, Gondia.**

# ତହସିଲ କାର୍ଯ୍ୟାଳୟ, ଗଁଦିଆ

**ସଂଖ୍ୟା: ୩୩୩୪ /ତା. ୧୨.୧୦.୨୦୨୨**

## ଲଘୁ ଖଣିଜ ନିଲାମ ତାରିଖ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଗଁଦିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଚନ୍ଦ୍ରଶିଖରପୁର ମାଙ୍କଡା ପଥର ଖଦାନକୁ ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ (୨୦୨୨-୨୩ ରୁ ୨୦୨୬-୨୭) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଗଁଦିଆଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules, 2016ରେ ବର୍ଣିତ ଥିବା Form M ରେ ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ତହସିଲଦାର,ଗଁଦିଆଙ୍କ ନାମେ ଆବେଦନ କରିବେ, ଯାହାକି ପ୍ରଥମ ପର୍ଯ୍ୟାୟରେ ତା.୨୭.୧୦.୨୦୨୨ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ରେଜେଷ୍ଟ୍ରି/ସ୍ପିଡ ପୋଷ୍ଟ ମାଧମରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପାଗୁଡିକ ତା.୨୮.୧୦.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ ସମସ୍ତ ସର୍ତ୍ତାବଳୀ ପାଳନ ପୂର୍ବକ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ତା.୨୮.୧୦.୨୦୨୨ ରିଖରେ ନିଲାମ ହୋଇପାରି ନଥିବା ସଇରାତ ଗୁଡିକ ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ତା.୦୩.୧୧.୨୦୨୨ ରିଖଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯାଇ ତା.୦୪.୧୧.୨୦୨୨ ରିଖରେ ନିଲାମ ହେବ । ତା.୦୪.୧୧.୨୦୨୨ ରିଖରେ ନିଲାମ ହୋଇପାରି ନ ଥିବା ସୈରାତଗୁଡିକୁ ତୃତୀୟ ପର୍ଯ୍ୟାୟରେ ତା.୧୦.୧୧.୨୦୨୨ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ, ତା.୧୧.୧୧.୨୦୨୨ ରିଖରେ ନିଲାମ କରାଯିବ ।

### ସୈରାତ ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | MGQ (in CuM) | ରୟାଲଟି (In Rs.) | ସର୍ବନିମ୍ନ ଅତିରିକ୍ତ ଦେୟ (in Rs.) |
|---|---|---|---|---|---|---|---|---|---|
| 1. | ଚନ୍ଦ୍ରଶେଖରପୁର ମାଙ୍କଡା ପଥର ଖଣି | ଚନ୍ଦ୍ରଶେଖର ପୁର | ୩୩୭ | ୧୩୩୧ | ୧୪.୮୭ ରୁ ୮.୦୦ | ପଥରବଣି | ୫୦୦୦ | ୧୮୦.୦୦ | ୭୦.୦୦ |



୧୨/୧୦/୨୦୨୨

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ଦସ୍ତାବିଜ

୦୧. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ମାତ୍ର) ର ଟ୍ରେଜେରୀ ଚାଲାଣ **"Head of Account-0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties"** ରେ ଦାଖଲ କରି ଏହାର ପ୍ରତିଲିପି ପ୍ରଦାନ କରିବେ ।

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୂପ ରୟାଲଟି ଏବଂ Additional Charge, MGQର ବାର୍ଷିକ ୫% (EMD equivalent to five percent of the minimum amount of additional charges specified in the notice and the amount of royalty, both calculated on the basis of minimum guaranteed quantity for one whole year for the minimum guaranteed quantity of minor mineral to be extracted in one full year) ଯାହାକି ଡିମାଣ୍ଡ ଡ୍ରାଫ୍ଟ ଆକାରରେ ତହସିଲଦାର, ଗଁଦିଆଙ୍କ ସପକ୍ଷରେ ଥାଇ ବନ୍ଦ ଲଫାଫାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. ଦରଖାସ୍ତକାରୀଙ୍କ ନାମରେ Odisha Minor Mineral Concession Rules, 2016 ମୁତାବକ କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୦୫. ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତ ସ୍ଥାବର ସମ୍ପତ୍ତିର ଦସ୍ତାବିଜ ସଂଲଗ୍ନ କରିବେ ।

୦୬. ଆବେଦନକାରୀ Income Tax return of previous financial year showing annual income for an amount of Additional Charge offered and the Royalty payable for minimum guaranteed quantity for one whole year or Bank Guarantee valid for a period of eighteen months for the amount not less than the amount as above ତହସିଲଦାର, ଗଁଦିଆଙ୍କ ସପକ୍ଷରେ ଦାଖଲ କରିବେ ।

୦୭. Income Tax Return ସମ୍ବନ୍ଧୀୟ ଦସ୍ତାବିଜର ନକଲ ଦାଖଲ କରିବେ ।

୦୮. GST ସମ୍ବନ୍ଧୀୟ ଦସ୍ତାବିଜର ନକଲ ଦାଖଲ କରିବେ ।

୦୯. PAN Card ଓ Adhaar Card ର ନକଲ ଦାଖଲ କରିବା ସହ ଯୋଗାଯୋଗ ନିମନ୍ତେ Mobile Number ଦାଖଲ କରିବେ ।

୧୦. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

# ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ (Odisha Minor Mineral Concession Rules, 2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ,୨୦୧୭, ୨୦୧୮ ଓ ୨୦୨୨ ସହ Manual of Tahasil Account ର ପରିସରଭୁକ୍ତ ହେବେ।

୦୨. ଲିଜଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ।

୦୩. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବାଆବେଦନକାରୀଙ୍କୁ ଲିଜ ଦିଆଯିବ । ଯଦି ୧ ରୁ ଅଧିକ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ୍ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନ ଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କ M ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନନୟନ ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ ସହିତ ଅମାନତ ରାଶି ସ୍ୱରୂପ,ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲଟି ପରିମାଣଏବଂଜିଲ୍ଲା ଖଣିଜ ପାଣ୍ଠିର ଏକ ଚତୁର୍ଥାଂଶ ପରିମାଣ ଦରଖାସ୍ତ ସହିତଥିବା ଦେୟରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ, ଯାହାକି ବିନା ସୁଧରେ ଅମାନତ ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି ୧୫ (ପନ୍ଦର) ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତଅମାନତ ରାଶି ଜମା ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯାଇ ଜମା ଥିବା ଅମାନତ ରାଶିକୁ ବାଜ୍ୟାପ୍ତ କରାଯିବ । ଯଦି ଦ୍ୱିତୀୟ ସର୍ବାଧିକ ନିଲାମଧାରୀ ପ୍ରଥମ ସର୍ବାଧିକ ନିଲାମଧାରୀ ମୂଲ୍ୟ ଠାରୁ ଅପେକ୍ଷାକୃତ କମ ଥାଏ ତେବେ ତାଙ୍କୁ ଚୟନ କରା ନ ଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରାଯିବ ।

୦୭. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ୍ୟ ହେବେ ।

୦୮. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ ଗ୍ରହଣ ନ କଲେ ତାଙ୍କର ଜମା ରାଶି ବାଜ୍ୟାପ୍ତ କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା



30/10/2022

ଆବେଦନକାରୀଙ୍କୁ ଲିଜ ଯଦି ବିଧି ବ୍ୟବସ୍ଥା ଅନୁଯାୟୀ ଗ୍ରହଣ ଯୋଗ୍ୟ ହୁଏ, ତାହେଲେ OMMC Rule,2016 ଅନୁଯାୟୀ ପଦେକ୍ଷେପ ନିଆ ଯାଇପାରେ ।

୦୯. ଲିଜ ମଞ୍ଜୁରୀ ପରେ ଲିଜଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ପାଇଁ ତଥା ପରିବେଶ ସ୍ୱଛତା ପ୍ରମାଣପତ୍ର (Environmental Clearance) ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ ।

୧୦. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲ୍ଲଙ୍ଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସହ ଜମା ହୋଇଥିବା ଅମାନତ ରାଶିକୁ ବାଜ୍ୟାପ୍ତି ହେବ ।

୧୧. ଲିଜଧାରୀ ଲିଜରାଶି ଓ ଅମାନତ ତାଙ୍କ ବ୍ୟତିରକେ " MGQ x (Rate of Royalty +Additional Charge) ର ୧୦% ଲିଜରାଶି (DMF) ପାଇଁ ଜମା କରିବେ ।

୧୨. ଲିଜଧାରୀ ଲିଜରାଶି MGQ x (Rate of Royalty +Additional Charge) ର ୫% ଲିଜରାଶି (Environmental Management Fund) ଆକାରରେ ଦାଖଲ କରିବା ପାଇଁ ବାଧ ହେବେ ।

୧୩. ନିଲାମଧାରୀ ଜମା Royalty ରାଶି " MGQ x (Rate of Royalty + Additional Charge) ର ୨% ଲିଜରାଶି T.C.S. ବାବଦକୁ ନଗଦ ଆକାରରେ ଜମା କରିବେ ।

୧୪. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ ନିଲାମଧାରୀ ବହନ କରିବେ ।

୧୫. ସମ୍ପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜଧାରୀ Registration Act, 1908 ଓ Stamp Act, 1899 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer, State Pollution Control Board, Angul ଙ୍କଠାରୁ CTE/CTO ଆଣିବା ପାଇଁ ବାଧ ହେବେ । ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବାଜ୍ୟାପ୍ତ କରାଯିବ ।

୧୬. ଲିଜଧାରୀ ଲିଜ ପାଇବା ପରେ ସୈରାତ ପରିଚାଳନା ପାଇଁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬(OMMC Rule, 2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ,୨୦୧୭,୨୦୧୮ ଓ ୨୦୨୨ ସହ Manual of Tahasil Accountର ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ ହେବେ ।

୧୭. ଲିଜ ଲାଗି ଆବେଦନ କରିବା ଇସ୍ତାହାରରେ ପ୍ରଦର୍ଶିତ ଲଘୁ ଖଣିଜ ଖଦାନଗୁଡିକ ପୂର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୧୮. ଲିଜ ଗ୍ରହଣ କରିସାରିଲା ପରେ ଲିଜ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୯. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୨୦. ପୁନଶ୍ଚ ଓଡିଶା ଲଘୁ ଖଣିଜ ଆଇନ, ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ, ୨୦୧୭, ୨୦୧୮ ଓ ୨୦୨୨ ସର୍ତ୍ତାବଳିର ଖିଲାଫ ହେଲେ,ନିଯମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।



12/10/2022

୨୧. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ହୋଇଥିବା ଖର୍ଚ୍ଚ, ଲିଜଧାରୀ ବହନ କରିବେ ।

୨୩. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଗଁଦିଆ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖି ପାରିବେ ।

୨୪. ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ତଉଜି ନାଭିସଙ୍କ ଠାରେ ମିଳି ପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.in ରେ ଉପଲବ୍ଧ ହେବ ।

୨୫. ବିନା କାରଣ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ, ଜିଲ୍ଲାପାଳ, ଢେଙ୍କାନାଳଙ୍କ ପାଖରେ ରହିଅଛି ।

୨୬. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ ତଥା ପରିବର୍ତ୍ତନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ରହିଅଛି ।

୨୭. ନିଲାମ ପ୍ରକ୍ରିୟା ସମୟରେ ସମସ୍ତେ COVID-19 ନିୟମ ପାଳନ କରିବାକୁ ବାଧ ହେବେ ।

17/01/2022

**ତହସିଲଦାର, ଗଁଦିଆ**

**ସ୍ମାରକ ସଂଖ୍ୟା - ୩୩୩୪/ତାରିଖ – ୧୭.୦୦.୨୦୨୨**

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଢେଙ୍କାନାଳ/ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଗଁଦିଆ/ସମସ୍ତ ଗ୍ରାମ ପଞ୍ଚାୟତ/ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ସମସ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସୈରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

17/01/2022

**ତହସିଲଦାର, ଗଁଦିଆ**